ଭାରତ-ଓମାନ ରଣନୈତିକ ପରାମର୍ଶଦାତା ଗୋଷ୍ଠୀର 15ତମ ବୈଠକ

ଭାରତ-ଓମାନ ରଣନୈତିକ ପରାମର୍ଶଦାତା ଗୋଷ୍ଠୀର 15ତମ ପର୍ଯ୍ୟାୟ 7 ଅକ୍ଟୋବର 2026 ରେ ନୂଆଦିଲ୍ଲୀ ଠାରେ ଆୟୋଜିତ ହୋଇଥିଲା। ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟର ସେକ୍ରେଟାରୀ (ସିପିଭି ଆଣ୍ଡ ଓଆଇଏ) ସୁଶ୍ରୀ ଶ୍ରୀପ୍ରିୟା ରଙ୍ଗନାଥନ୍ ଏବଂ ଓମାନ୍ ସଲ୍ତନତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ରାଜନୈତିକ ବ୍ୟାପାର ଅଣ୍ଡରସେକ୍ରେଟେରୀ ମାନ୍ୟବର ଶେଖ୍ ଖଲିଫା ବିନ୍ ଅଲ୍ଲୀ ଅଲ୍ ହାର୍ଥୀ ଏହି ବୈଠକରେ ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ।

2. ଏହି ବୈଠକରେ ରାଜନୈତିକ ଏବଂ ରଣନୈତିକ ସହଯୋଗ, ବାଣିଜ୍ୟ ଏବଂ ନିବେଶ, ଭାରତ-ଓମାନ୍ ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତିନାମାର କାର୍ଯ୍ୟକାରିତା, ଶକ୍ତି, ପ୍ରତିରକ୍ଷା ଓ ସାମୁଦ୍ରିକ ସହଯୋଗ, ଡିଜିଟାଲ ସହଯୋଗ, ଶିକ୍ଷା, ସଂସ୍କୃତି ତଥା ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ଅନ୍ତର୍ଭୁକ୍ତ କରି ଦ୍ୱିପାକ୍ଷିକ ସମ୍ବନ୍ଧ ଏବଂ ଚାଲୁଥିବା ପଦକ୍ଷେପଗୁଡ଼ିକର ସମସ୍ତ ଦିଗ ଉପରେ ଆଲୋଚନା କରାଯାଇଥିଲା।

3. ଉଭୟ ପକ୍ଷ ଆଞ୍ଚଳିକ ସୁରକ୍ଷା, ସାମୁଦ୍ରିକ ସୁରକ୍ଷା ଏବଂ ହରମୁଜ୍ ଷ୍ଟ୍ରିଟ୍ ସମ୍ବନ୍ଧିତ ଘଟଣାକ୍ରମ ସମେତ ପାରସ୍ପରିକ ହିତ ସହିତ ଜଡ଼ିତ ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ଆଦାନପ୍ରଦାନ କରିଥିଲେ।

4. ଉଭୟ ପକ୍ଷ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତାର ଅଧିକ ଗଭୀରତାକୁ ଉଲ୍ଲେଖ କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ନିଜର ପ୍ରତିଶ୍ରୁତିବଦ୍ଧତାକୁ ପୁନଃପୁଷ୍ଟି କରିଥିଲେ।

ନୂଆଦିଲ୍ଲୀ

ଅକ୍ଟୋବର 07, 2026